ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା



# ଏହା ହିଁ ବାସ୍ତବ ସ୍ଥିତି



ଆକାର ପଟେଲ

ଗତ ମାସ ଶେଷରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ତା'ର ୭ ବର୍ଷ ପୂର୍ତ୍ତି ପାଳନ କଲା। କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ଓ ମୃତ୍ୟୁ ଯୋଗୁ ଉତ୍ସବ ଶିଥିଳ ପଡିଗଲା। କିନ୍ତୁ ୭ ବର୍ଷରେ ସରକାରଙ୍କ ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ୧୫ଟି ପଏଣ୍ଟ ବିଶିଷ୍ଟ ବିକାଶ ଯାତ୍ରା ଡକ୍ୟୁମେଣ୍ଟ ପ୍ରକାଶ କଲେ। ପ୍ରଥମ ପଏଣ୍ଟ 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍'(ବ୍ୟବସାୟ ଆରମ୍ଭ କରିବା ଓ ତାହାକୁ ଚଳାଇବା ଲାଗି ସହଜ ପରିବେଶ ସୃଷ୍ଟି କରିବା)। ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଭାରତ ଡୁଇଂ ବିଜ୍‌ନେସରେ ୧୪୨ରୁ ଉଠି ୬୩ ର୍‍ୟାଙ୍କ୍‌ରେ ରହିଛି। ଏହା ବାସ୍ତବରେ ପ୍ରଶଂସନୀୟ। ଏହାର ମାନେ କ'ଣ? ନିର୍ଦ୍ଦିଷ୍ଟ ଆକାରର ସୀମିତ ଫାର୍ମଗୁଡ଼ିକୁ ନେଇ ଏହି ଆକଳନ କରାଯାଇଛି। ସୂଚକାଙ୍କରେ ଭାରତ ଉପରକୁ ଉଠିବା କେଉଁ ପରିଣାମକୁ ଆଧାର କରି କରାଯାଇଛି ତାହା ବିକାଶ ଯାତ୍ରା ଡକ୍ୟୁମେଣ୍ଟ ସୂଚିତ କରିନାହିଁ। ଅଧିକ ନିବେଶ ଯୋଗୁ ବ୍ୟବସାୟରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ। କିନ୍ତୁ ମୋଦିଙ୍କ ପୂର୍ବରୁ ଭାରତର ନିବେଶ ମୋଟ ଘରୋଇ ଉତ୍ପାଦନ(ଜିଡିପି)ର ୩୮% ଥିବାବେଳେ ଏବେ ତାହା ୨୮%ରେ ରହିଛି। ଦ୍ୱିତୀୟ ପଏଣ୍ଟ ହେଉଛି 'ଇଜ୍ ଅଫ୍ ଲିଭିଂ' ବା 'ସୁଗମ ଜୀବନ'। ଏହା ବିଶ୍ୱ ଆକଳନ କରୁଥିବା ଏକ ସୂଚକାଙ୍କ ନୁହେଁ। ଏହା ମଧ୍ୟ ସ୍ପଷ୍ଟ ନୁହେଁ ଯେଉଁଥିପାଇଁ ଏହାକୁ ବାଦ୍‌ଦେବାକୁ ହେବ। ତୃତୀୟ ପଏଣ୍ଟରେ 'ଦୁର୍ନୀତି ବା ଭ୍ରଷ୍ଟାଚାର ହଟାଇବା'କୁ ଗୁରୁତ୍ୱ ଦେଇଛି। କୁହାଯାଇଛି ଯେ, ଦୁର୍ନୀତି ବିରୋଧରେ ଚାଲିଥିବା ଐତିହାସିକ ଲଢ଼େଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱ ନେଇଛନ୍ତି ଓ ସଚ୍ଚୋଟତାକୁ ସମ୍ମାନ ଦିଆଯାଉଛି, ସ୍ୱଚ୍ଛତା ଏକ ନୀତି ହୋଇଯାଇଛି। କିନ୍ତୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍‌ଶନ ଇଣ୍ଡେକ୍ସରେ ଭାରତ ୨୦୧୫ରେ ୭୬ ର୍‍ୟାଙ୍କରୁ ଖସି ଚଳିତ ବର୍ଷ ୮୬ରେ ରହିଛି। ଚତୁର୍ଥରେ ରହିଛି 'ଯୁବ ସୁଯୋଗଗୁଡ଼ିକର ସଶକ୍ତୀକରଣ'। କୁହାଯାଇଛି ଯେ, ଗତ ୭ ବର୍ଷରେ ମୋଦି ସରକାର ଭାରତର ଯୁବଗୋଷ୍ଠୀଙ୍କ ପାଇଁ ସବୁକ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ସହ ମାର୍ଗଦର୍ଶନ କରିଛନ୍ତି। ନିକଟରେ ମୋଦି ସରକାରଙ୍କ ଦ୍ୱାରା କରାଯାଇଥିବା ପିରିୟଡିକ୍ ଲେବର ଫୋର୍ସ ସର୍ଭେ ପ୍ରକାଶ କରିଛି ଯେ, ଭାରତର ସହରାଞ୍ଚଳରେ ଯୁବ ବେରୋଜଗାରି ହାର ୨୩%। ଅର୍ଥାତ୍ ୪ ଜଣରେ ଜଣେ ଯୁବକ କାମ ଖୋଜୁଛି ଏବଂ ପାଇପାରୁ ନାହିଁ। ଭାରତରେ ଏମିତି କେବେ ହୋଇ ନ ଥିଲା ଓ ଏହି ହାର ସବୁଠୁ ବେଶି। ପଞ୍ଚମ ପଏଣ୍ଟ ହେଉଛି 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ'। ଏବେ ଆମ ଚାରିପାଖରେ କ'ଣ ସବୁ ଘଟୁଛି ତାହା ଦେଖିବା। ବିଭିନ୍ନ ଉପାୟରେ ଭାରତ ସରକାର ବିଶ୍ୱରେ ଭିନ୍ନ। ପ୍ରଥମ କାରଣ ହେଉଛି, ଏହାର ଟିକାର ମୂଲ୍ୟ ବିଶ୍ୱରେ ସବୁଠୁ ଅଧିକ। ଦ୍ୱିତୀୟରେ ୩ ଟିକା କ୍ରେତା ରହିଛନ୍ତି- କେନ୍ଦ୍ର, ରାଜ୍ୟ ଏବଂ ଘରୋଇ କମ୍ପାନୀ। ତୃତୀୟରେ ବିଶ୍ୱକୁ ଟିକା ଯୋଗାଇବାରେ ଭାରତ ତା' କଥା ରଖିପାରିନାହିଁ। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ବିଚାର କଲେ କିଛିଦିନ ତଳେ ଗୋଟିଏ ଅକ୍ସିଜେନ ସିଲିଣ୍ଡରକୁ ଦିଲ୍ଲୀରେ ୬୦,୦୦୦ ଟଙ୍କାରେ ବିକ୍ରି କରାଯାଇଥିଲା। ଅକ୍ସିଜେନ ଓ ଅତ୍ୟାବଶ୍ୟକ ଔଷଧ ପାଇବା ପାଇଁ ସେଠାରେ ହେଲ୍‌ପଲାଇନ ନ ଥିଲା କି ଏବେ ବି ନାହିଁ।

ବିକାଶ ଯାତ୍ରାର ଷଷ୍ଠ ପଏଣ୍ଟ 'ଅଭିବୃଦ୍ଧି ପାଇଁ ଭିତ୍ତିଭୂମି'କୁ ସୂଚିତ କରିଛି। ସରକାରଙ୍କ ନିଜସ୍ୱ ତଥ୍ୟ ଅନୁଯାୟୀ ୨୦୧୮ରୁ ଭାରତର ଜିଡିପି ଅଭିବୃଦ୍ଧି ତଳକୁ ଖସି ଚାଲିଛି। ଏହା ୮%ରୁ କ୍ରମାଗତ ଭାବେ ଖସି ଆସି ମହାମାରୀ ପୂର୍ବରୁ ୩%ରେ ରହିଥିଲା। ଗତବର୍ଷ ଅର୍ଥବ୍ୟବସ୍ଥା ଐତିହାସିକ ଭାବେ ତଳକୁ ଖସିଥିଲା। ସପ୍ତମ ପଏଣ୍ଟ 'ମଧ୍ୟମ ବର୍ଗଙ୍କ ପରିବର୍ତ୍ତନୀୟତା' ଉପରେ ବ୍ୟାଖ୍ୟା କରିଛି। ଏମାନଙ୍କ ପାଇଁ ମୋଦି ସରକାର ଯାହା କରିଛନ୍ତି ତାହା ଅନ୍ୟ କୌଣସି ସରକାର କରିନାହାନ୍ତି ବୋଲି କୁହାଯାଇଛି। ଗତ ମାସରେ ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟି ରିପୋର୍ଟରେ ଦର୍ଶାଇଛି ଯେ, ମହାମାରୀ ସମୟରେ ୨୭ କୋଟି ଭାରତୀୟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏଥିରୁ ବୁଝାପଡୁଛି, ସରକାରଙ୍କ ଦାରିଦ୍ର୍ୟ ସୀମା ଅନୁଯାୟୀ ସେମାନେ ପୂର୍ବରୁ ଦରିଦ୍ର ନ ଥିଲେ, ଏବେ ଦରିଦ୍ର ହୋଇଯାଇଛନ୍ତି। ଆଠ ନମ୍ବର ପଏଣ୍ଟରେ 'ନୂଆ ଭାରତ ପାଇଁ ନାରୀ ଶକ୍ତି' ବିଷୟ ଉଲ୍ଲେଖ କରାଯାଇଛି। ଭାରତର ଶ୍ରମ ଶକ୍ତିରେ ନାରୀମାନଙ୍କ ଭାଗୀଦାରି ଏବେ ପାଖାପାଖି ୧୦% ରହିଛି। ଏହା ଇତିହାସରେ ସବୁଠୁ କମ୍। ବିଶ୍ୱରେ ନାରୀମାନଙ୍କ ପାଇଁ ଭାରତ ସବୁଠୁ ବିପଜ୍ଜନକ ସ୍ଥାନ ବୋଲି ୨୦୧୮ରେ ଥୋମାସ ର୍‍ୟୁଟର୍ସର ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୦୨୦ରେ ଜର୍ଜଟାଉନ ଇନ୍‌ଷ୍ଟିଚ୍ୟୁଟର ଓମେନ୍ ପିସ୍ ଏବଂ ସିକ୍ୟୁରିଟି ଇଣ୍ଡେକ୍ସରେ ଭାରତର ର୍‍ୟାଙ୍କ୍ ଥିଲା ୧୩୩। ୨୦୧୭ରୁ ଏହା ମାତ୍ର ଦୁଇଟି ସ୍ଥାନ ତଳକୁ ଖସିଛି। ନବମ ପଏଣ୍ଟ କହେ 'ସମୃଦ୍ଧ ଭାରତ ପାଇଁ ସମୃଦ୍ଧ କୃଷକ'ର କଥା। ମୋଦି ସରକାରଙ୍କ ପାଇଁ କୃଷକ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ବୋଲି ଏହା ପ୍ରକାଶ କରିଛି। ଦିଲ୍ଲୀ ବାହାରେ କୃଷକମାନେ ଏବେ ବି ଆନ୍ଦୋଳନ କରୁଛନ୍ତି ଓ ସେମାନଙ୍କୁ ଆତଙ୍କବାଦୀ, ଖଲିସ୍ତାନୀ ଏବଂ ଦେଶଦ୍ରୋହୀ ବୋଲି ଉପହାସ କରାଯାଉଛି। ଦଶମ ପଏଣ୍ଟରେ 'ପୁଟିଙ୍ଗ ଇଣ୍ଡିଆ ଫାଷ୍ଟ'ରେ ଜାତୀୟ ସୁରକ୍ଷାକୁ ଜୋର୍ ଦିଆଯାଇଛି। କିନ୍ତୁ ଦେପ୍‌ସଙ୍ଗରେ ଆମ ପାଟ୍ରୋଲିଂର ସ୍ଥିତି ବିଷୟରେ ଏଯାବତ୍ ସରକାର ଆମକୁ କିଛି କହିନାହାନ୍ତି।

ବିକାଶ ଯାତ୍ରା ଡକ୍ୟୁମେଣ୍ଟର ଏକାଦଶ, ଦ୍ୱାଦଶ, ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ନମ୍ବରରେ ଯଥାକ୍ରମେ 'ପୂର୍ବୋତ୍ତର ଉପରେ ପୁନଶ୍ଚ ଧ୍ୟାନ କେନ୍ଦ୍ରିତ କରିବା', 'ସାମାଜିକ ସଶକ୍ତୀକରଣ', 'ଗରିବଙ୍କ ବିକାଶର କଥା' ଏବଂ 'ପରିବର୍ତ୍ତନକାରୀ ଅର୍ଥନୈତିକ ଅଭିବୃଦ୍ଧି' ସମ୍ପର୍କରେ କୁହାଯାଇଛି। ଏଗୁଡ଼ିକ ସାଧାରଣ କଥା। ଶେଷ ପଏଣ୍ଟଟି ହେଉଛି 'ଭାରତ କରୋନା ବିରୋଧରେ ଲଢୁଛି'। ଏହି ବିଷୟ ଉପରେ ବିଶ୍ୱ କ'ଣ ଚିନ୍ତା କରୁଛି ତାହା ଦେଖିବା ଦରକାର। ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା କମ୍ ଦର୍ଶାଇ ବି ଅଧିକ ସଂକ୍ରମଣ ସଂଖ୍ୟା ତାଲିକାର ଦ୍ୱିତୀୟରେ ରହିଛିଏବଂ ତୃତୀୟ ସର୍ବାଧିକ ମୃତ୍ୟୁ ଘଟୁଛି। ଆକଳନରୁ ଜଣାପଡ଼ିଛି ଯେ, ବାସ୍ତବରେ ଭାରତ ଉଭୟରେ ଶୀର୍ଷରେ ରହିଛି ଏବଂ ଦ୍ୱିତୀୟ ଲହରରେ ମୃତ୍ୟୁ କେବଳ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ମୋଦି ସରକାରଙ୍କ ୮ମ ବର୍ଷରେ ଆମେ ପ୍ରବେଶ କରିଥିବାବେଳେ ଆମ ଦେଶ ତଥା ଭାରତ ସରକାରଙ୍କର ଏହା ହିଁ ବାସ୍ତବ ସ୍ଥିତି।

Email:aakar.patel@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 5 | | 7 | |
| | | 4 | 8 | | | 3 | | |
| 5 | | | | | | 6 | | |
| 4 | 8 | | 9 | | | | | |
| | 7 | 1 | | | | | | |
| | | | | | | 2 | 3 | |
| | | 6 | | | 8 | | | 5 |
| 8 | | 9 | 7 | 5 | 3 | | | 4 |
| | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 2 | 4 | 8 | 7 | 5 | 6 |
| 8 | 7 | 6 | 1 | 9 | 5 | 4 | 2 | 3 |
| 2 | 5 | 4 | 7 | 6 | 3 | 9 | 8 | 1 |
| 4 | 2 | 3 | 8 | 7 | 9 | 1 | 6 | 5 |
| 6 | 8 | 7 | 5 | 1 | 2 | 3 | 4 | 9 |
| 5 | 1 | 9 | 4 | 3 | 6 | 8 | 7 | 2 |
| 1 | 6 | 8 | 9 | 2 | 7 | 5 | 3 | 4 |
| 3 | 9 | 5 | 6 | 8 | 4 | 2 | 1 | 7 |
| 7 | 4 | 2 | 3 | 5 | 1 | 6 | 9 | 8 |

ଗତକାଲିର ଉତ୍ତର

# କରୋନା କାଳର ଆର୍ଥିକ ପରିଚାଳନା



ଡ. ଅମରେନ୍ଦ୍ର ଦାସ

ବିଶ୍ୱକୁ କରୋନା କବଳିତ କରିବା ପୂର୍ବରୁ ଆମ ରାଜ୍ୟର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଫେବୃୟାରୀ ୧୮, ୨୦୨୦ରେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ୧, ୫୦, ୦୦୦କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ। ମହାମାରୀର ଆଗମନ ଯୋଗୁ ରାଜ୍ୟବାସୀଙ୍କର ଜୀବନଜୀବିକାକୁ ସୁରକ୍ଷାଦେବା ପାଇଁ ତଥା ମହାମାରୀ ନିୟନ୍ତ୍ରଣରେ ନିୟୋଜିତ ଯୋଦ୍ଧାମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେବା ପାଇଁ ଅର୍ଥମନ୍ତ୍ରୀ ନଭେମ୍ବର ୨୦, ୨୦୨୦ରେ ପୁଣି ୧୧,୨୦୦କୋଟି ଟଙ୍କାର ଏକ ଅନୁପୂରକ ବଜେଟ ଉପସ୍ଥାପନ କଲେ। ଏହିପରି ଭାବରେ ରାଜ୍ୟ ସରକାର ଗତ ଆର୍ଥିକବର୍ଷରେ ମୋଟ ୧, ୬୧, ୨୦୦କୋଟି ଟଙ୍କା ବ୍ୟୟକରିବା ପାଇଁ ଘୋଷଣା କରିଥିଲେ। କିନ୍ତୁ କରୋନା ଯୋଗୁ ସାରା ଦେଶ ଭଳି ଆମ ରାଜ୍ୟର ଆର୍ଥିକ ପରିସ୍ଥିତି ଦେବାଳିଆ ହେବାର ସଂଶୟ ରହିଥିଲା। ତାଲାବନ୍ଦ ଯୋଗୁ ଅଧିକାଂଶ ରାଜସ୍ୱ ସୃଷ୍ଟିକାରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଘୋର ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ମହାମାରୀ ଯୋଗୁ ଆବଶ୍ୟକ ସୃଷ୍ଟି ହୋଇଥିବା ନୂତନ ସ୍ୱାସ୍ଥ୍ୟସେବା ଯୋଗାଣ, ମାଗଣା ଟିକା ଯୋଗାଣ, ତଥା ତାଲାବନ୍ଦ ଯୋଗୁ ଜୀବିକା ହରାଇଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ରାଜକୋଷ ଉପରେ ମାତ୍ରାଧିକ ଚାପର ଆକଳନ ହେବା ସ୍ୱାଭାବିକ। ଏହି ପରିସ୍ଥିତିରେ ବିଗତ ବର୍ଷ ଆମ ରାଜ୍ୟ ସରକାର କିପରି ଭାବରେ ଆର୍ଥିକ ପରିଚାଳନା କଲେ ଏଠି ଆମେ ମୂଲ୍ୟାୟନ କରିବା। ଇତିମଧ୍ୟରେ ଗତ ଆର୍ଥିକବର୍ଷର ଅଡିଟ ପୂର୍ବର ଏକ ମୋଟାମୋଟି ହିସାବ ମହାଲେଖାଗାରଙ୍କ ୱେବସାଇଟରେ ଉପଲବ୍ଧ ହୋଇସାରିଛି।

ଫେବୃୟାରୀ ୨୦୨୦ରେ ଉପସ୍ଥାପିତ ହୋଇଥିବା ମୂଳ ବଜେଟର ୧, ୫୦, ୦୦୦କୋଟି ଟଙ୍କା ମଧ୍ୟରୁ ପାଖାପାଖି ୧, ୧୪, ୭୯୧କୋଟି ଟଙ୍କା ରାଜସ୍ୱ ବ୍ୟୟ (ଦରମା, ଅବସରକାଳୀନ ଭତ୍ତା, ସୁଧ ପରିଶୋଧ ଇତ୍ୟାଦି) ଏବଂ ୩୫, ୨୦୯କୋଟି ଟଙ୍କା ପୁଞ୍ଜି ବ୍ୟୟ (ନୂତନ ପ୍ରକଳ୍ପ ନିମିତ୍ତ ବ୍ୟୟ) ପାଇଁ ବରାଦ କରାଯାଇଥିଲା। ଏଥିମଧ୍ୟରୁ ୭୪, ୦୦୦କୋଟି ଟଙ୍କା ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ, ୬୫, ୬୫୫କୋଟି ଟଙ୍କା ପ୍ରଶାସନିକ ବ୍ୟୟ, ୩୨୦୦କୋଟି ଟଙ୍କା ବିପର୍ଯ୍ୟୟ ପରିଚାଳନା ଏବଂ ୭୧୪୫ କୋଟି ଟଙ୍କା ପଞ୍ଚାୟତିରାଜ ବ୍ୟବସ୍ଥା ଆଦିକୁ ହସ୍ତାନ୍ତର କରିବା ପାଇଁ ବରାଦ କରାଯାଇଥିଲା। ଦେଢ଼ଲକ୍ଷ କୋଟି ଟଙ୍କାର ବଜେଟ ବ୍ୟୟ ପାଇଁ ରାଜ୍ୟ ସରକାର ବିଭିନ୍ନ ଉପାୟରେ ୧, ୨୪, ୩୦୦ କୋଟି ରାଜସ୍ୱ ସଂଗ୍ରହ କରିବେ ଏବଂ ୨୪, ୪୫୦କୋଟି ଋଣ ମାଧ୍ୟମରେ ସଂଗ୍ରହକରିବା ପାଇଁ ଯୋଜନା କରିଥିଲେ। ବଜେଟରେ ୯୫୦୯କୋଟି ଟଙ୍କାର ରାଜସ୍ୱ ବଳକା (ଦରମା, ଅବସରକାଳୀନ ଭତ୍ତା, ସୁଧ ପରିଶୋଧ ଇତ୍ୟାଦି କରିସାରି) ରଖାଯିବା ସହିତ ୧୭୮୭୮କୋଟି ଟଙ୍କା ଆର୍ଥିକ ନିଅଣ୍ଟ (ପ୍ରାୟତଃ ଉତ୍ପାଦନ କ୍ଷମତା ବୃଦ୍ଧି କରୁଥିବା ପୁଞ୍ଜିବ୍ୟୟ ପାଇଁ) ହେବାର ଆକଳନ କରାଯାଇଥିଲା। ଜୁନ୍ ୨୦୨୦ରେ ଓଡ଼ିଶା ଅର୍ଥନୀତି ସଂଗଠନ ତରଫରୁ ପ୍ରକାଶିତ 'କୋଭିଡ୍-୧୯ ଏବଂ ଓଡ଼ିଶା ଅର୍ଥନୀତି' ରିପୋର୍ଟରେ ରାଜ୍ୟର ରାଜସ୍ୱ ସଂଗ୍ରହ ୧, ୨୪, ୫୫୦କୋଟି ଟଙ୍କା ସମ୍ଭବ ନ ହୋଇ ୧, ୧୩, ୨୩୭କୋଟି ଟଙ୍କା ଭିତରେ ସୀମିତ ରହିବ ବୋଲି ଆକଳନ କରାଯାଇଥିଲା। ରାଜ୍ୟ ସରକାରଙ୍କୁ ଯଦି ବଜେଟ ବ୍ୟୟବରାଦ ଅନୁସାରେ ୧, ୫୦, ୦୦୦କୋଟି ଟଙ୍କା ବ୍ୟୟ କରିବାକୁ ହୁଏ ତେବେ ୩୬, ୭୬୩ ଟଙ୍କା ଋଣ କରିବାକୁ ପଡ଼ିବ ବୋଲି ମଧ୍ୟ ଏଥିରେ ଆକଳନ କରାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଅଭିବୃଦ୍ଧି ହ୍ରାସକୁ ଆଖିରେ ରଖି ରାଜ୍ୟ ସରକାରଙ୍କୁ ରାଜ୍ୟ ମୋଟ ଉତ୍ପାଦର ପାଖାପାଖି ୭.୭ ପ୍ରତିଶତ ଋଣ କରିବାକୁ ପଡ଼ିପାରେ ବୋଲି ଅନୁମାନ କରାଯାଇଥିଲା।

ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚ ୨୦୨୧ ସୁଦ୍ଧା ରାଜ୍ୟ ସରକାର ବଜେଟରେ ଆକଳନ ହୋଇଥିବା ୧, ୨୪, ୫୫୦କୋଟି ଟଙ୍କା ରାଜସ୍ୱ ବଦଳରେ ୧, ୦୬, ୮୪୭ କୋଟି ଟଙ୍କା ସଂଗ୍ରହ କରିପାରିଛନ୍ତି। ଏହା ଯଦିଓ ବଜେଟ ଆକଳନଠାରୁ ୧୭, ୭୦୪ କୋଟି ଟଙ୍କା ଊଣା, ୨୦୧୯-୨୦ ଆର୍ଥିକବର୍ଷଠାରୁ ୫.୫ ପ୍ରତିଶତ ଅଧିକ। ଏଠାରେ ସୂଚାଇ ଦେବା ଆବଶ୍ୟକ ଯେ, ୨୦୧୧-୧୨ରୁ ୨୦୧୯-୨୦ ମଧ୍ୟରେ ଆମ ରାଜ୍ୟର ବାର୍ଷିକ ରାଜସ୍ୱ ଅଭିବୃଦ୍ଧି ହାର ହାରାହାରି ୧୩.୭ ପ୍ରତିଶତ ରହିଥିଲା। ଦ୍ରବ୍ୟ ଓ ସେବାକର ପରିଷଦ ତରଫରୁ ବାର୍ଷିକ ହାରାହାରି ୧୪ ପ୍ରତିଶତ ରାଜସ୍ୱ ଅଭିବୃଦ୍ଧି ଅନୁମାନ କରାଯାଇଥିଲା। କୌଣସି ରାଜ୍ୟର ରାଜସ୍ୱ ସଂଗ୍ରହ ଏଥିରୁ କମ୍ ହେଲେ କେନ୍ଦ୍ର ସରକାର କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଇଛି। କୋଭିଡ୍ ମହାମାରୀର ଆଳ ଦେଖାଇ କେନ୍ଦ୍ର ସରକାର ଯଦିଓ ଚଳିତବର୍ଷ କ୍ଷତିପୂରଣ କରିବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ ରାଜ୍ୟ ସରକାରଙ୍କର ମିଳିତ ଚାପ ଆଗରେ ମୁଣ୍ଡନୁଆଁଇ କୌଣସି ପ୍ରକାରେ କ୍ଷତିପୂରଣ ଦେବା ପାଇଁ ରାଜି ହେଲେ। ଏହାସହିତ ରାଜ୍ୟମାନଙ୍କର ଦୁର୍ବଳ ଆର୍ଥିକ ସ୍ଥିତିକୁ ଦେଖି କେନ୍ଦ୍ର ଅର୍ଥମନ୍ତ୍ରୀ ଆର୍ଥିକ ଶୃଙ୍ଖଳା ଓ ବଜେଟ ପରିଚାଳନା ନିୟମକୁ କୋହଳ କରି ସାଧାରଣ ଭାବରେ ଅନୁମୋଦିତ ରାଜ୍ୟ ମୋଟ ଉତ୍ପାଦର ତିନି ପ୍ରତିଶତ ବଦଳରେ ପାଞ୍ଚ ପ୍ରତିଶତ ଋଣକରିବା ପାଇଁ ଅନୁମତି ପ୍ରଦାନ କଲେ।

୨୦୨୦-୨୧ ଆର୍ଥିକବର୍ଷ ଶେଷରେ ରାଜ୍ୟ ସରକାର ବଜେଟ ଆକଳନ କରିଥିବା ୯୫୦୯ କୋଟି ଟଙ୍କା ବଦଳରେ ୧୧୩୫୧ କୋଟି ଟଙ୍କା ରାଜସ୍ୱ ବଳକା କରିଥିବା ସହିତ ମୋଟ ଆର୍ଥିକ ନିଅଣ୍ଟ ୧୭୮୭୮ କୋଟି ଟଙ୍କା ବଦଳରେ ୭,୯୫୪ କୋଟି ଟଙ୍କାରେ ସୀମିତ ରଖିଥିବାର ସୂଚନା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାଠକଙ୍କ ମନରେ ଏମିତି କିଛି ପ୍ରଶ୍ନ ଆସିପାରେ। ଏହି ଜଟିଳ ପରିସ୍ଥିତିରେ ରାଜ୍ୟ ସରକାର ଅଧିକ ରାଜସ୍ୱ ବଳକା କଲେ କିପରି? ଆର୍ଥିକ ନିଅଣ୍ଟ ହ୍ରାସ କଲେ କେମିତି? ରାଜ୍ୟବାସୀ ସ୍ୱାସ୍ଥ୍ୟ ସଙ୍କଟ ଦେଇ ଗତି କରୁଥିବା ସହିତ ଜୀବନଜୀବିକାର ଅନିଶ୍ଚିତତା ଭିତରେ ଜୀବନ କାଟୁଥିବା ବେଳେ ରାଜ୍ୟ ସରକାର ବଳକା ରାଜସ୍ୱ ରଖିବାଟା କେତେଦୂର ଯୁକ୍ତିଯୁକ୍ତ। ମହାମାରୀର ସ୍ୱାସ୍ଥ୍ୟ ସଙ୍କଟ ମଧ୍ୟରେ ରାଜ୍ୟ ଗତିକରୁଥିବା ବେଳେ ସରକାରଙ୍କୁ କେଉଁ ବିଶେଷ ସୂତ୍ରରୁ ଅଧିକ ଅର୍ଥ ମିଳିଛି କି?

ରାଜ୍ୟ ସରକାର ମୁଖ୍ୟତଃ ନିଜସ୍ୱ ରାଜସ୍ୱ (କର ଏବଂ ଅଣକର) ଏବଂ କେନ୍ଦ୍ରରୁ ଆସୁଥିବା କରଭାଗ ଏବଂ ଅନୁଦାନ ମାଧ୍ୟମରେ ନିଜର ଖର୍ଚ୍ଚ ଭରଣା କରିଥାନ୍ତି। ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ କେନ୍ଦ୍ରରୁ ଆସୁଥିବା ସମସ୍ତ ଅର୍ଥ ସାତ ପ୍ରତିଶତ ହ୍ରାସପାଇଛି। ନିଜସ୍ୱ ରାଜସ୍ୱ ମଧ୍ୟରେ ଷ୍ଟାମ୍ପ ଏବଂ ରେଜିଷ୍ଟ୍ରେଶନ ରାଜସ୍ୱ ଗତବର୍ଷ ତୁଳନାରେ ୧୦୫ ପ୍ରତିଶତ, ବିକ୍ରିକର ଚାରି ପ୍ରତିଶତ, ଅନ୍ୟାନ୍ୟ କର ୧୭ପ୍ରତିଶତ ଏବଂ ଅଣରାଜସ୍ୱ କର (ମୁଖ୍ୟତଃ ଖଣିଜ) ୫୩ ପ୍ରତିଶତ ବୃଦ୍ଧିପାଇଛି। ଏହାବାଦ୍ ଦ୍ରବ୍ୟ ଓ ସେବାକର ଏକ ପ୍ରତିଶତ, ଭୂ-ରାଜସ୍ୱ ୧୬ ପ୍ରତିଶତ, ରାଜ୍ୟ ଅବକାରୀ ରାଜସ୍ୱ ୧୦ ପ୍ରତିଶତ ହ୍ରାସପାଇଛି। ଏହିପରି ଭାବରେ ୨୦୧୯-୨୦ ତୁଳନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ରାଜସ୍ୱ ୫.୫ ପ୍ରତିଶତ ବୃଦ୍ଧି ପାଇଛି।

୨୦୧୯-୨୦ ତୁଳନାରେ ୨୦୨୦-୨୧ ଆର୍ଥିକବର୍ଷରେ ରାଜ୍ୟର ମୋଟ ବ୍ୟୟ ପାଖାପାଖି ୬.୫ପ୍ରତିଶତ ହ୍ରାସପାଇଛି। ଏଥିମଧ୍ୟରୁ ସାମାଜିକ କ୍ଷେତ୍ରରେ (ଶିକ୍ଷା, ସ୍ୱାସ୍ଥ୍ୟ ଆଦି) ବ୍ୟୟ ସର୍ବାଧିକ ୧୨ ପ୍ରତିଶତ ହ୍ରାସପାଇଛି, ଅର୍ଥନୈତିକ ସେବା କ୍ଷେତ୍ରରେ ୩.୧ ପ୍ରତିଶତ ଏବଂ ସାଧାରଣ ପ୍ରଶାସନିକ ସେବା କ୍ଷେତ୍ରରେ ଏକ ପ୍ରତିଶତ ହ୍ରାସପାଇଛି। ୨୦୧୯-୨୦ରେ ରାଜ୍ୟର ବଳକା ରାଜସ୍ୱ ୮୦.୧୯ କୋଟି ଟଙ୍କା ଥିବାବେଳେ ୨୦୨୦-୨୧ରେ ୧୧୩୫୦.୬୭ କୋଟି ଟଙ୍କାକୁ ବୃଦ୍ଧିପାଇଛି। ସେହିପରି ରାଜ୍ୟର ଆର୍ଥିକ ନିଅଣ୍ଟ ୨୦୧୯-୨୦ରେ ୨୧୪୭୨.୦୮ କୋଟି ଟଙ୍କା ଥିବାବେଳେ ୨୦୨୦-୨୧ରେ ୭୯୫୩ .୬୧ କୋଟି ଟଙ୍କାକୁ ହ୍ରାସ ପାଇଛନ୍ତି।

ମହାମାରୀ ସମୟରେ ଆମ ରାଜ୍ୟର ଆର୍ଥିକ ପରିଚାଳନାକୁ ଅନୁଧ୍ୟାନ କଲେ ମନରେ ପ୍ରଶ୍ନ ସୃଷ୍ଟିହୁଏ ଯେ, ସମସ୍ତ ରାଜ୍ୟବାସୀ ବିଭିନ୍ନ ଅସୁବିଧାରେ ରହି ବିଭିନ୍ନ ସରକାରୀ ସହାୟତା ଲୋଡୁଥିବା ସମୟରେ ରାଜ୍ୟ ସରକାର ବଳକା ରାଜସ୍ୱ ରଖି କରିବେ କ'ଣ? ଅନ୍ୟ ରାଜ୍ୟମାନଙ୍କ ଆର୍ଥିକ ଅବସ୍ଥା ଦେଖିଲେ ଅରୁଣାଚଳ ପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା ଓ ଉତ୍ତରାଖଣ୍ଡ ଫେବୃୟାରୀ ସୁଦ୍ଧା ବଳକା ରାଜସ୍ୱ ସୂଚନା ପ୍ରଦାନ କରିଛନ୍ତି। ଏଥିମଧ୍ୟରୁ ଓଡ଼ିଶାର ବଳକା ରାଜସ୍ୱ ପରିମାଣ ସର୍ବାଧିକ। ଦେଶର ବାକି ସମସ୍ତ ରାଜ୍ୟ ରାଜସ୍ୱ ନିଅଣ୍ଟିଆ ସ୍ଥିତିରେ ଥିବାର ଜଣାପଡ଼େ। ରାଜସ୍ୱ ସଂଗ୍ରହ ହ୍ରାସପାଇବା ସତ୍ତ୍ୱେ ଖର୍ଚ୍ଚ ନ କରି ବଳକା ରାଜସ୍ୱ ରଖିବା ଏବଂ ଆର୍ଥିକ ନିଅଣ୍ଟକୁ ହ୍ରାସକରିବା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ଏଠାରେ ପାଠକମାନେ ଜାଣି ରଖିବା ଉଚିତ ଯେ ବଜେଟ ବାଦ୍ ଜିଲା ଖଣିଜ ପାଣ୍ଠି, ଓଡ଼ିଶା ଖଣି ଅଞ୍ଚଳ ବିକାଶ ନିଗମ ଭଳି ବଜେଟ ବହିର୍ଭୂତ ଉତ୍ସରେ ପାଖାପାଖି ୬୫୦୦ କୋଟି ଟଙ୍କା ରହିଥିବାର ସରକାର ସୂଚନା ପ୍ରଦାନ କରିଥିଲେ। ବିପତ୍ତି ସମୟରେ ଏହିସବୁ ପାଣ୍ଠିକୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଇ ପାରିଥାନ୍ତା।

ରାଜ୍ୟର ହଜାର ହଜାର ପ୍ରବାସୀ ଶ୍ରମିକ ଜୀବନଜୀବିକା ହରାଇ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିବା ଖବର ଆମେ ସଭିଏ ଦେଖିଛେ। ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥାର କରୁଣ ଚିତ୍ର ବି ଦେଖିଛେ। ରାଜ୍ୟଗୁଡ଼ିକର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ ନୀତି ଆୟୋଗ ତରଫରୁ ପ୍ରକାଶିତ ରିପୋର୍ଟରେ ଓଡ଼ିଶାର ଖରାପ ସ୍ଥିତି ବିଷୟରେ ମଧ୍ୟ ଅବଗତ କରାଇଛନ୍ତି। ମୋଟ ୧୭ଟି ସୂଚକାଙ୍କ ଭିତରୁ ଓଡ଼ିଶା ୧୦ଟି କ୍ଷେତ୍ରରେ ଅନେକ ପଛରେ ପଡ଼ିଥିବା କଥା ଦର୍ଶାଇଛନ୍ତି। ରାଜ୍ୟର ୩୦ଟି ଜିଲାରୁ ୧୦ଟି ଜିଲା ଜାତୀୟ ସ୍ତରରେ ଆକାଂକ୍ଷା ବା ପଛୁଆ ଜିଲା ଭାବରେ ବିବେଚିତ। ରାଜ୍ୟର ତିନି ଭାଗରୁ ଏକଭାଗ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ କାଟୁଛନ୍ତି। ଏସବୁ ଲକ୍ଷ୍ୟକରି ପଞ୍ଚଦଶ ଅର୍ଥ ଆୟୋଗ ବଳକା ରାଜସ୍ୱକୁ ରାଜ୍ୟର ମାନବ ସମ୍ବଳ ବିକାଶ କରିବା ସହ ନିମ୍ନଆୟର ଛନ୍ଦଣିରୁ ବାହାରିବା ପାଇଁ ଠିକ୍ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

କରୋନା ମହାମାରୀ ସମୟରେ ଦୀର୍ଘଦିନରୁ ରହିଥିବା ଦୁର୍ବଳ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭିତ୍ତିଭୂମିର ପରିଣାମ ସମସ୍ତ ରାଜ୍ୟବାସୀ ଭୋଗୁଛନ୍ତି। ଏହି ପରିସ୍ଥିତିରେ ଆମ ରାଜ୍ୟ ଲାଗି ମାତ୍ରାଧିକ ଆର୍ଥିକ ଶୃଙ୍ଖଳା ପ୍ରଗତି ପାଇଁ ଠିକ୍ ଦିଶା ଦେଖାଇ ନ ପାରେ।

ଅର୍ଥନୀତି ପ୍ରାଧ୍ୟାପକ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର
dasamarendra@gmail.com

# କଳା ରକ୍ତର ଅନ୍ୱେଷଣକାରୀ

ବ୍ୟକ୍ତିତ୍ୱ



ଡେଭିଡ୍ ଡିଓପ୍

ଐତିହାସିକ ଘଟଣାବଳୀକୁ ଚମତ୍କାର ଭାବେ ଉପସ୍ଥାପନ କରିପାରିଲେ ଆଜିର ପିଢ଼ି ତାହାକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ। ପୂର୍ବଜମାନଙ୍କ ସାହସିକ ପଦକ୍ଷେପ ବା କୀର୍ତ୍ତି ହେଉ କିମ୍ବା ସଂଘର୍ଷମୟ ଜୀବନ ପ୍ରତିଟି ଘଟଣାରୁ ଶିକ୍ଷା ମିଳିପାରିଥାଏ। ଏହି ବିଷୟ ତାଙ୍କୁ ଆବିଷ୍ଟ କରିବା ପରେ ସେ ନିଜ ପୂର୍ବସୂରୀଙ୍କ ବିଷୟରେ ଅଧିକ ଗବେଷଣା କରି ଯେଉଁ ବହି ପ୍ରକାଶ କଲେ ତାହା ତାଙ୍କୁ ଏବେ ଇଣ୍ଟରନ୍ୟାଶନାଲ ବୁକର୍ ପ୍ରାଇଜ୍ ଦେଇପାରିଛି। ଫ୍ରାନ୍ସର ବିଶିଷ୍ଟ ସାହିତ୍ୟିକ ଡେଭିଡ୍ ଡିଓପ୍ ଚଳିତ ବର୍ଷର ବୁକର ବିଜେତା ହେବା ପରେ କହିଛନ୍ତି ଯେ, ବାସ୍ତବରେ ତାଙ୍କ ସୃଜନଶୀଳତାରେ ସେ ସନ୍ତୁଷ୍ଟ ହୋଇଛନ୍ତି। ଏଥିସହିତ ଏହା ପ୍ରମାଣିତ ହୋଇଛି ଯେ, ସାହିତ୍ୟ କୌଣସି ସୀମା ମଧ୍ୟରେ ଆବଦ୍ଧ ନୁହେଁ। ତାଙ୍କର ଏତିକି କଥା ନିଶ୍ଚିତ ଭାବେ ଅସଂଖ୍ୟ ଯୁବ ଲେଖକଙ୍କୁ ଅଧିକ ବାସ୍ତବଧର୍ମୀ ଲେଖା ସୃଷ୍ଟି କରିବା ଲାଗି ପ୍ରେରଣା ଦେବ।

ଡେଭିଡ୍ ୧୯୬୬ରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ। ମାତା ଫ୍ରାନ୍ସର ହୋଇଥିବା ବେଳେ ପିତାଙ୍କ ପୈତୃକ ରାଷ୍ଟ୍ର ପଶ୍ଚିମ ଆଫ୍ରିକୀୟ ଦେଶ ସେନେଗାଲ। ତେବେ ଡେଭିଡ୍‌ଙ୍କୁ ଯେତେବେଳେ ୫ ବର୍ଷ ସେ ପରିବାର ସହିତ ସେନେଗାଲ ରାଜଧାନୀ ଡାକର ଚାଲିଯାଇଥିଲେ। ୧୮ ବର୍ଷ ଯାଏ ସେ ସେଠାରେ ରହି ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ପରେ ଫ୍ରାନ୍ସ ଫେରିଆସିଥିଲେ। ଅଷ୍ଟାଦଶ ଶତାବ୍ଦୀର ଫରାସୀ ସାହିତ୍ୟ ଉପରେ ଅଧ୍ୟୟନ କରି ସେ ଡକ୍ଟରେଟ୍ ଡିଗ୍ରୀ ଅର୍ଜନ କରିଥିଲେ। ସେନେଗାଲରେ ଥିବା ବେଳେ ସେ ସାହିତ୍ୟ ଓ ଐତିହାସିକ ଘଟଣାବଳୀକୁ ଅଧିକ ଗୁରୁତ୍ୱ ଦେଇଥିଲେ। ସେହି ସମୟରେ ସେ ନିଜ ପୂର୍ବପୁରୁଷଙ୍କ ବିଷୟରେ ଜାଣିବାକୁ ଚାହିଁଥିବା ବେଳେ ନଜର ପଡ଼ିଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଘଟଣାବଳୀ ଉପରେ। ସେତେବେଳେ ଫ୍ରାନ୍ସକୁ ସେନେଗାଲ ଯୁଦ୍ଧରେ ସାହାଯ୍ୟ କରିଥିଲା। ସେଥିରେ ତାଙ୍କ ଅଣଗୋସିବାପାଙ୍କ ଯୋଗଦାନ ଥିବା ଜାଣିବାକୁ ପାଇଥିଲେ। ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କ ପରିବାର ଏ ବିଷୟରେ ସେଭଳି ତଥ୍ୟ ସଂଗ୍ରହ କରି ନ ଥିଲେ। ବାସ୍ତବ ଯୁଦ୍ଧରେ ସାମିଲ ହୋଇ ବୀରତ୍ୱ ପ୍ରଦର୍ଶନ କରିଥିବା ବ୍ୟକ୍ତି ଏସବୁ ତଥ୍ୟ ନିଜ ପରିବାରଠାରୁ ଦୂରେଇ ରଖିବାର ଯେଉଁ ମହନୀୟ କାର୍ଯ୍ୟ କରିଥିଲେ ତାହା ହିଁ ଡେଭିଡ୍‌ଙ୍କୁ ଅଧିକ ଗବେଷଣା କରିବାକୁ ଉତ୍ସାହ ଜଗାଇଥିଲା। ୧୯୯୮ରେ ସେ ୟୁନିଭର୍ସିଟି ଅଫ୍ ପଉରେ ସାହିତ୍ୟ ବିଭାଗର ଅଧ୍ୟାପକ ହେବାର ଗୌରବ ଅର୍ଜନ କରିବା ପରେ ଫରାସୀ ଓ ଆଫ୍ରିକୀୟ ସାହିତ୍ୟ ବିଷୟରେ ଅଧିକ ମନୋନିବେଶ କରିଥିଲେ। ସେହି ସମୟରେ ତାଙ୍କ ଅନିସନ୍ଧିତ୍ସୁ ମନ ଖୋଜିଥିଲା ଯୁଦ୍ଧ ଇତିହାସ। ଅତ୍ୟଧିକ ପୁସ୍ତକ ପଢ଼ା ଓ ଗବେଷଣାର ଫଳସ୍ୱରୂପ ୨୦୧୨ରେ ଆତ୍ମପ୍ରକାଶ କରିଥିଲା ତାଙ୍କର ପ୍ରଥମ ଉପନ୍ୟାସ '୧୮୮୯ ଆଇ'ଆଟ୍ରାକ୍‌ଶନ୍ ୟୁନିଭର୍ସିଲି'। ୧୮୮୯ରେ ପ୍ୟାରିସ୍‌ରେ ଅନୁଷ୍ଠିତ ବ୍ୟାଖ୍ୟାନରେ ଯୋଗଦେବାକୁ ଯାଇଥିବା ୧୧ ଜଣିଆ ସେନେଗାଲ ନାଗରିକଙ୍କ ଅଭିଜ୍ଞତାକୁ ଆଧାର କରି ସେ ଏହି ପୁସ୍ତକ ରଚନା କରିଥିଲେ। ତାହା ଉଭୟ ଦେଶର ଭାବଗତ ସମ୍ପର୍କକୁ ଏକ ନୂଆ ଦିଗ ଦେଇଥିଲା। ଏହି ପୁସ୍ତକର ସଫଳତା ତାଙ୍କ କଲମକୁ ଦ୍ୱିତୀୟ ଉପନ୍ୟାସ ଲେଖିବାକୁ କାଳି ଯୋଗାଇଥିଲା। ସେ ଲେଖିଲେ 'ଫ୍ରେରେ ଡାମେ'। ୨୦୧୮ରେ ପ୍ରକାଶ ପାଇଥିବା ଏହି ପୁସ୍ତକ ପ୍ରଥମ ବିଶ୍ୱଯୁଦ୍ଧ ସମୟର ଉପନିବେଶବାଦକୁ ସ୍ମରଣ କରିଥିଲା। ଫ୍ରାନ୍ସ ସପକ୍ଷରେ ସେନେଗାଲ ନାଗରିକମାନେ କରିଥିବା ଯୁଦ୍ଧ ଓ ସେମାନଙ୍କ ଅଭିଜ୍ଞତାକୁ ଏଥିରେ ବର୍ଣ୍ଣନା କରାଯାଇଛି। ପୁସ୍ତକର ପ୍ରମୁଖ ଚରିତ୍ରରେ ଆଲ୍‌ଫା ଏନ୍‌ଡ୍ରୟେଙ୍କ ଭାବପ୍ରବଣତାକୁ ସେ ଅତି ସୂକ୍ଷ୍ମ ଭାବେ ବର୍ଣ୍ଣନା କରିଛନ୍ତି। ଯୁଦ୍ଧ କ୍ଷେତ୍ରରେ ପିଲାଦିନର ବନ୍ଧୁ ମଡେମ୍ବାଙ୍କ ମୃତ୍ୟୁ ପରେ ଆଲ୍‌ଫାଙ୍କୁ ସବୁକିଛି ଅନ୍ଧାର ଦେଖାଯାଇଥିଲା। ଉଭୟ ମିଶି ଶତ୍ରୁପକ୍ଷ ଜର୍ମାନ ସୈନିକଙ୍କୁ ମୁକାବିଲା କରିବାରେ ବୀରତ୍ୱ ଦେଖାଇଥିଲେ। ହେଲେ ଜଣେ ପରମବନ୍ଧୁଙ୍କ ଅବର୍ତ୍ତମାନରେ ଆଉ ଜଣେ କିଭଳି ମାନସିକ ଆଘାତ ପାଇଥାଆନ୍ତି ତାହାକୁ ଡେଭିଡ୍ ଉକ୍ତ ଉପନ୍ୟାସରେ ଦେଖାଇଛନ୍ତି। ତେବେ ମୂଳ ଲେଖାକୁ ଇଂଲିଶ୍‌ରେ ଅନୁବାଦ କରିଥିବା ଆନ୍ନା ମୋସ୍କୋଭାକିସ୍ ପୁସ୍ତକର ନାମ ଦେବା ଲାଗି ନୟାନ୍ତ ହୋଇପଡ଼ିଥିଲେ। ଆକ୍ଷରିକ ଅନୁବାଦଠାରୁ ଦୂରେଇ ଯାଇ ସେ ଦୁଇବନ୍ଧୁଙ୍କ ସମ୍ପର୍କ ଓ ନିକଟରେ ମୃତ୍ୟୁକୁ ଦେଖୁଥିବା ବ୍ୟକ୍ତିର ଅନୁଭବକୁ ନେଇ ବହିର ନାମ ଦେଇଥିଲେ 'ଆଟ୍ ନାଇଟ୍ ଅଲ୍ ବ୍ଲଡ୍ ଇଜ୍ ବ୍ଲାକ'। ତାହାକୁ ଏଠାରେ କୁହାଗଲେ ହେବ-ରାତିରେ ସବୁ ରକ୍ତ କଳା।

କୁହାଯାଉଛି ଡେଭିଡ୍ ତାଙ୍କ ଅଣ ଗୋସିବାପା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଟିରାଇଲ୍ଲୁରରେ ଯୋଗଦାନ କରିଥିବା ବିଷୟରେ ଜାଣିବା ପରେ ଏହା ଉପରେ ଲେଖିବାକୁ ଚାହିଁଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫରାସୀ ଆର୍ମି ଅଧୀନରେ ୨୧ଟି ବାଟାଲିୟନ୍ସ ଅଫ୍ ଟିରାଇଲ୍ଲୁରସ ସେନେଗାଲିଜ୍ (ବିଟିଏସ୍) ଥିଲା। କିନ୍ତୁ ତାଙ୍କ ଅଣଗୋସିବାପା ଏହି ବିଷୟ ପରିବାରଠାରୁ ଦୂରେଇ ରଖିଥିଲେ। ସେତିକି ହୁଏତ ନ ହୋଇ ଥିଲେ ଡେଭିଡ୍ ଆଜି ନୂଆ ରହସ୍ୟ ଉନ୍ମୋଚନ କରି ଦୁନିଆକୁ ଏଭଳି ପୁସ୍ତକଟିଏ ଭେଟି ଦେଇ ନ ଥାନ୍ତେ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସଂଗୋଷ୍ଠୀଗତ ପ୍ରୟାସର ଗୁରୁତ୍ୱ ପ୍ରମାଣିତ ହୋଇଛି ତାମିଲନାଡୁରେ। ଶ୍ରୀନିବାସନ ସର୍ଭିସ ଟ୍ରଷ୍ଟ(ଏସ୍‌ଏସ୍‌ଟି) ଦ୍ୱାରା ତାମିଲନାଡୁର ୨୫୦୦ ଦୁର୍ଗମ ତଥା ମରୁଡ଼ିପ୍ରବଣ ଗାଁରେ ଲୋକମାନଙ୍କ ମିଳିତ ଉଦ୍ୟମରେ କୃଷିର ଉନ୍ନତି ଓ ଜୈବବିବିଧତାର ସୁରକ୍ଷା ନିଶ୍ଚିତ ହୋଇପାରିଛି। ଏଭଳି ଅଭିଯାନର ନେତୃତ୍ୱ ନେଇଛନ୍ତି ଏସ୍‌ଏସ୍‌ଟିରେ ଚେୟାରମ୍ୟାନ ସ୍ୱରନ ସିଂ। ସେ ୨୦୧୮ରୁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଏହି ସଂସ୍ଥା ଦ୍ୱାରା ୨୫୦୦ ଗାଁରେ କ୍ଷୁଦ୍ରଚାଷୀମାନେ ସେମାନଙ୍କ ଆୟ ଦୁଇଗୁଣ ବଢ଼ାଇବାକୁ ସକ୍ଷମ ହୋଇଛନ୍ତି। କୃଷକମାନଙ୍କୁ ପର୍ଯ୍ୟାପ୍ତ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ଗତ ୪ ବର୍ଷ ମଧ୍ୟରେ ଗାଁଗୁଡ଼ିକରେ କ୍ଷୁଦ୍ର ଜଳସେଚନ ଟାଙ୍କି ନିର୍ମାଣ କରାଯାଇଛି। କେବଳ ଏତିକି ନୁହେଁ, ସ୍ୱରନଙ୍କ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଗ୍ରାମବାସୀଙ୍କ ସହଯୋଗରେ ବୃହତ୍ ଜଳାଶୟ ଖୋଳାଯାଇ ବିଭିନ୍ନ ପ୍ରଜାତି ଜୀବଙ୍କ ସୁରକ୍ଷା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୬

- ପାକିସ୍ତାନ ପ୍ରତି ଆନୁଗତ୍ୟ ପ୍ରକାଶ ନ କରିବାରୁ ପାକିସ୍ତାନ ଅଧିକୃତ କଶ୍ମୀର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଥିବା ୩୪ ଜଣ ଆଶାୟୀଙ୍କ ପ୍ରାର୍ଥିପତ୍ର ନାକଚ।
- ଉତ୍ତରପ୍ରଦେଶର ପିଥୋରାଗଡ଼ ଜିଲା ନିକଟରେ ଲୋହାଘାଟ-ପଞ୍ଚେଶ୍ୱର ରାସ୍ତା ପାର୍ଶ୍ୱରେ ଥିବା ୯୦୦ ମିଟର ଖାତ ମଧ୍ୟକୁ ଏକ ଘରୋଇ ବସ୍ ଖସିପଡ଼ି ୫୦ ମୃତ।

## ଚିରନ୍ତନୀ

ଜୀବନ ଥାଉଁ କି ଭୟ ଆଉ
ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
ଜୀବନ ସୁଧାରସ
ମରଣ-ପଥ ପଥିକ ଆଜି ସାଜ!
(ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରକୁ ହତ୍ୟା କରାଯାଉଛି

ମହାଶୟ,

ସାରା ବିଶ୍ୱରେ ଭାରତର ଏକ ଧର୍ମନିରପେକ୍ଷ ଗଣତନ୍ତ୍ର ଦେଶ ଭାବେ ପରିଚିତ। କିନ୍ତୁ ଆଜିର ରାଜନୀତିରେ ଏହି ଗଣତନ୍ତ୍ର ଲୋପ ହେବାକୁ ବସିଲାଣି। ପ୍ରକୃତ ମତ ଯେ ଜନମତ ତାହା ନେତାଏ ଭୁଲିଗଲେଣି। ଟଙ୍କା ଦେଇ ଜୋରଜବରଦସ୍ତ ଭୋଟ ହାତେଇବା ମୂଳ ଲକ୍ଷ୍ୟ ହେଲାଣି। କଳେବଳେ କୌଶଳେ କ୍ଷମତା ଦଖଲ କରାଯାଉଛି। ଏହାଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ନିୟମ ଉଲ୍ଲଂଘନ ହେଲେ ମଧ୍ୟ ନିର୍ବାଚନ ଅଧିକାରୀଙ୍କ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦେଖାଯାଉନାହିଁ। ଜନମତ ଯେ ପ୍ରଧାନ ମତ, ଏହା ନେତାଏ ଜାଣିବା ଉଚିତ। ଜନତାଙ୍କ ମତରେ ହିଁ ସରକାର ଯିବ ଓ ଆସିବ।

- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାମମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଯୋଡା/ଚମ୍ପୁଆ,(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ମୁଖ୍ୟ ବଜାରରେ ଥିବା ରାମ ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଥିବା ଟଙ୍କା ପଇସାକୁ ଚୋରି କରି ନେଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଏ ନେଇ ଚମ୍ପୁଆ ଥାନାରେ ମଧ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଆଇଆଇସି ଗଗନ ବିହାରୀ ନାଏକ ଘଟଣାସ୍ଥଳରେ ପହଞ୍ଚି ପୂଜକଙ୍କଠାରୁ ସମସ୍ତ ବିଷୟ ଶୁଣିବା ପରେ ତଦନ୍ତ ଆରମ୍ଭ କରିଛନ୍ତି।



### ସଂକ୍ଷେପରେ

## ପଞ୍ଚାୟତ ଅଫିସ ଆଗରେ ନିଆଁ ଲଗାଇ ବୋହିନେଲେ ଚାଉଳ

ବାଲେଶ୍ୱର ଅଫିସ, ୫।୬: ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ତୁଣ୍ଡୁରା ପଞ୍ଚାୟତ ଅଫିସ୍‌ରେ ରିଲିଫ ବଣ୍ଟନକୁ ଗଣ୍ଡଗୋଳ ହୋଇଛି। ଶନିବାର ରାତି ପ୍ରାୟ ସାଢେ ୮ଟା ବେଳେ ଶତାଧିକ ଲୋକ ଏକାଠି ହୋଇ ପଞ୍ଚାୟତ ଅଫିସ ଆଗରେ ନିଆଁ ଲଗାଇ ଦେଇଥିଲେ। ପରେ ତାଲା ଭାଙ୍ଗି ପଞ୍ଚାୟତ ଗୋଦାମ ଘରେ ଥିବା ପିଡିଏସ୍ ଚାଉଳ ଓ ରିଫାଇନ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ବୋହି ନେଇଛନ୍ତି। ଉତ୍ତ୍ୟକ୍ତ ଲୋକେ ସରପଞ୍ଚଙ୍କ ଘର ଉପରକୁ ଢେଲାପଥର ମାଡ କରିଥିଲେ। ଏନେଇ ସରପଞ୍ଚ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାତ୍ୟା 'ୟାସ୍' ପ୍ରଭାବିତ ବିପନ୍ନମାନଙ୍କ ଲାଗି ରିଲିଫ ଆସିଥିଲା। ପ୍ରଶାସନ ତାଲିକା ଅନୁସାରେ ବାତ୍ୟା ପ୍ରଭାବିତ ଲୋକମାନଙ୍କୁ ଦିଆଯାଉଥିବା ବେଳେ ଗ୍ରାମର ଅନ୍ୟ ଲୋକମାନେ ରିଲିଫ ପାଇଁ ଦାବି କରି ଗତ ୩ ତାରିଖରେ ରାସ୍ତା ଅବରୋଧ କରିଥିଲେ। ରେମୁଣା ବିଡ଼ିଓ ଏବଂ ଭାରପ୍ରାପ୍ତ ତହସିଲଦାର ପହଞ୍ଚି ସମସ୍ତଙ୍କୁ ରିଲିଫ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବି ଉତ୍ତେଜନା କମି ନ ଥିଲା।

## ହରିଣ ଶିକାର ଅଭିଯୋଗ: ୬ଗିରଫ

କେନ୍ଦୁଝର, ୫।୬(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ତେଲକୋଇ ରେଞ୍ଜରେ ଏକ ହରିଣକୁ ହତ୍ୟା କରିବା ଘଟଣାରେ ବନ ବିଭାଗ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୋଲେଶ୍ୱର୍ ବେହେରା, ବେଣୁଧର ବେହେରା, ଅଶୋକ ବେହେରା, ପଠାଣି ମହନ୍ତି, ଈଶ୍ୱର ସେଠୀ, ଗଣେଶ୍ୱର ଦେହୁରୀ। ସେମାନଙ୍କ ଠାରୁ ମାଂସ ସହିତ ଅସ୍ତ୍ର ଶସ୍ତ୍ର ଜବତ କରିଛି। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସମାକୋଇ ରିଜର୍ଭ ଜଙ୍ଗଲରୁ ହରିଣ ଶିକାର କରୁଥିବା ବେଳେ ଧରା ପଡ଼ିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ଏକ ମାମଲା ରୁଜୁ ହୋଇଛି।

## ଭ୍ରାମ୍ୟମାଣ ଚିକିତ୍ସା

ଆରଡ଼ି,୫।୬(ଡି.ଏନ.ଏ.): ବାତ୍ୟା ୟାସ୍ ପରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର ଏବଂ ଓଲଗ ପଞ୍ଚାୟତରେ ଭାରତ ସରକାରଙ୍କ ଗେଲ୍ ଇଣ୍ଡିଆ ପକ୍ଷରୁ ଆରୋଗ୍ୟ ଭ୍ରାମ୍ୟମାଣ ଚିକିତ୍ସା ଯୋଗାଇ ଦିଆଯାଇଛି। ଶନିବାର ସୁନ୍ଦରପୁର, ଦୋହରାପାଟଣା, ଖରୁଆପାଟଣା, କୁଳେଇପଦା, ଚମ୍ପାସାହି ଆଦି ଗାଁରେ ଭ୍ରାମ୍ୟମାଣ ଗାଡ଼ି ପହଞ୍ଚି ଗ୍ରାମବାସୀଙ୍କୁ ସେବା ଯୋଗାଇଥିଲା। ଡା. ପଦ୍ମନାଭ କାଉଆ, ଫାର୍ମାସିଷ୍ଟ ଲିଙ୍କନ ପଟେଲ, ନର୍ସ ଭାଗ୍ୟଶ୍ରୀ ବେହେରା, ଆଇଟି ଟେକ୍ନିସିଆନ ରଣଧୀର କୁମାର, ସହଯୋଗୀ ପ୍ରଦୀପ୍ତ ପୁରୋହିତ ପ୍ରମୁଖ ଲୋକଙ୍କୁ ଚିକିତ୍ସା କରିବା ସହ ବିନା ମୂଲ୍ୟରେ ଔଷଧ ବଣ୍ଟନ କରିଥିଲେ। ସ୍ୱେଚ୍ଛାସେବୀ ସଂଗ୍ରାମ ସାହୁ, ସତ୍ୟଶିବ ନାୟକ, ମିଥୁନ ଜେନା, ସୁରେଶ ସାହୁ, ସ୍ୱଦେଶ ପଣ୍ଡା, ପ୍ରଦୀପ ନାୟକ, କିଶୋର ନାୟକ, ସନ୍ଦୀପ ନାୟକ, ସୁରେଶ ପଲାଇ, ଅରୂପ ରାୟ, ଦେବପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ।

## ଜଳିଗଲା କ୍ୟାବିନ

ପାଟଣା,୫।୬(ସ୍ୱ. ପ୍ର.): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଦାମାହୁଡା ଛକ ଉପରେ ଥିବା ଏକ ପାନ ଦୋକାନ କ୍ୟାବିନରେ ଶନିବାର ସକାଳୁ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଅନେକ ସାମଗ୍ରୀ ଜଳି ପୋଡି ଧ୍ୱଂସ ହୋଇଛି। ଏଥି ସହ ଉକ୍ତ ଦୋକାନ ସଂଲଗ୍ନ ଥିବା ଏକ ଲେଡିଜ କର୍ଣ୍ଣର ମଧ ଆଂଶିକ ଜଳି ଯାଇଛି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବାର କାରଣ ଜଣା ପଡିନଥିବା ବେଳେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଟେରାକୋଟା ଶିଳ୍ପୀଙ୍କୁ ଜୀବିକା ଚିନ୍ତା

ଭଦ୍ରକ ଅଫିସ, ୫।୬


ଶିଳ୍ପୀମାନେ ଟେରାକୋଟା କାମ କରୁଛନ୍ତି।

- ପଡ଼ି ରହି ଭାଙ୍ଗିରୁଜି ଗଲାଣି ମୂର୍ତ୍ତି
- ଆର୍ଥିକ ସହାୟତା ଦାବି

କରୋନା ଯୋଗୁ ସମସ୍ତ ବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି। ଛୋଟ ବଡ଼ ବ୍ୟବସାୟୀମାନେ ମୁଣ୍ଡରେ ହାତ ଦେଲେଣି। ଲକ୍‌ଡାଉନ ଓ ଶଟ୍‌ଡାଉନ କାରଣରୁ ପ୍ରାୟ ଦୁଇମାସ ଧରି ବିଭିନ୍ନ ବେପାର ବାଣିଜ୍ୟ ଉପରେ ପ୍ରଶାସନ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ସାଧାରଣ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି। ଗୋଷ୍ଠୀର କର୍ମକର୍ତ୍ତା ଜୀବିକାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ଏହି ପରିସ୍ଥିତିରେ ଟେରାକୋଟା ଶିଳ୍ପୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ସେମାନେ ସରକାରଙ୍କ ବିଭିନ୍ନ ଯୋଜନା ଜରିଆରେ ସ୍ୱାବଲମ୍ବୀ ହୋଇଆସୁଥିଲେ। କିନ୍ତୁ ଲକ୍‌ଡାଉନ ସେମାନଙ୍କ ଜୀବନଶୈଳୀ ସମ୍ପୂର୍ଣ୍ଣ ବଦଳାଇ ଦେଇଛି।

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଗରପଡ଼ା ମହାନ୍ତିପଡ଼ା ପଞ୍ଚାୟତ ତ୍ରିଶାଳିଆ ଗ୍ରାମର ବରଡ଼େଶ୍ୱର ଓ ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀର ଟେରାକୋଟା ଶିଳ୍ପୀଙ୍କୁ ଏବେ ଜୀବିକା ଚିନ୍ତା ଘାରିଛି। ଗୋଷ୍ଠୀର ପ୍ରତ୍ୟେକ ୧୫ଜଣ ଲେଖାଏ ମହିଳା ନିଜ ଗାଁରେ ଟେରାକୋଟା ଶିଳ୍ପ ଆରମ୍ଭ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଲିମ ଦିଆଯିବା ପରେ ସେମାନେ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କରିଆସୁଥିଲେ। ମାଟିରେ ବିଭିନ୍ନ ମୂର୍ତ୍ତି ସାଙ୍ଗକୁ ହାତୀ, ଘୋଡ଼ା, ଗଛ, ମଣିଷ, ଫୁଲଦାନୀ, ଫୁଲକୁଣ୍ଡ ଆଦି ତିଆରି କରି ରୋଜଗାର କରୁଥିଲେ। ନିଜେ ସ୍ୱାବଲମ୍ବୀ ହେବା ସହ ସେମାନେ ପରିବାର ମଧ ଚଳାଉଥିଲେ। କିନ୍ତୁ ଏବେ ଲକ୍‌ଡାଉନ ଯୋଗୁ ନା କିଛି ମୂର୍ତ୍ତି ତିଆରି କରିପାରୁଛନ୍ତି ନା ବିକ୍ରି ହୋଇପାରୁଛି। ଫଳରେ ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି ବୋଲି ଟେରାକୋଟା ଶିଳ୍ପୀ ସୁଜଳା ରଣା ଓ କମଳା ପାଢ଼ୀ କହିଛନ୍ତି। ଅପରପକ୍ଷେ ଲକ୍‌ଡାଉନ କାରଣରୁ ବିଭିନ୍ନ ଜିଲାରେ ହେଉଥିବା ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଷ୍ଟଲ ପକାଇ ମହିଳା ସଙ୍ଗଠନର କର୍ମକର୍ତ୍ତା କରୁଥିବା ବିକ୍ରିବଟା ଉପରେ ଏହାର ପ୍ରଭାବ ପଡ଼ିଛି। ଫଳରେ ଶିଳ୍ପୀମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତିଆରି ହୋଇଥିବା କିଛି ମୂର୍ତ୍ତି ମଧ ଭାଙ୍ଗିରୁଜି ଯିବା ସହ ନଷ୍ଟ ହେବାକୁ ବସିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପରିବାର ଚଳାଇବା କଷ୍ଟକର ହେଉଥିବାରୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ଶିଳ୍ପୀ ନିରୁପମା ସାହୁ। ସ୍ୱାଭାବିକ ଅବସ୍ଥା ଫେରିଆସିବା ପରେ ଜିଲା ଶିଳ୍ପ ବିଭାଗ ପକ୍ଷରୁ ସେମାନଙ୍କ ଟେରାକୋଟା ମୂର୍ତ୍ତି ବେପାର କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପୀତାମ୍ବର ପରିଡ଼ା କହିଛନ୍ତି।

## ନବବଧୂଙ୍କୁ ହତ୍ୟା ଅଭିଯୋଗ, ୨ ଅଟକ

ବାଲେଶ୍ୱର ଅଫିସ/ରସାଲପୁର, ୫।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ଥାନା ଅଧୀନ ସାରଗାଁ ପଞ୍ଚାୟତ ହର୍ଷପୁରା ଗ୍ରାମରେ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିଛି। ପରେ ମୃତଦେହକୁ ନବବଧୂଙ୍କ ବାପଘରକୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଥାନାରେ ମାମଲା (ନଂ. ୨୦୫/୨୧) ରୁଜୁ କରାଯାଇ ସ୍ୱାମୀ ଏବଂ ତାଙ୍କ ସହଯୋଗୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ହର୍ଷପୁରା ଗ୍ରାମର ଦିଲୀପ ବାରିକ ଗତ ୪ମାସ ତଳେ ଉକ୍ତ ଗ୍ରାମର ନାବାଳିକାଙ୍କୁ ଭଲ ପାଇ ବିବାହ କରିଥିଲେ। ଉକ୍ତ ବିବାହରେ ନାବାଳିକାଙ୍କ ବାପା ଓ ଭାଇ ରାଜି ନ ଥିଲେ। ଶୁକ୍ରବାର ରାତିରେ କୌଣସି କାରଣରୁ ନବବଧୂଙ୍କ ଶରୀର ଅସୁସ୍ଥ ହୋଇପଡିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ନବବଧୂଙ୍କୁ କଟକ ନ ନେଇ ଗାଁକୁ ଫେରାଇ ଅଣାଯାଇଥିଲା। ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ନବବଧୂଙ୍କ ବାପା ସଦର ଥାନାରେ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରିଛି।

## ମେଳାପୀ, ସ୍ପଷ୍ଟବାଦୀ ଥିଲେ ରଘୁନାଥ


ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

ଖଇରା, ୫।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ରଘୁନାଥ ଭଞ୍ଜ(୭୬) ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅଣ୍ଡାଇଲୋ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରୋହିତ୍ୟ କରିଥିଲେ। ବ୍ରାହ୍ମଣ ସମିତିର କର୍ମକର୍ତ୍ତା ଓ ସଦସ୍ୟ ବୁଦ୍ଧିରାମ ପାଣିଗ୍ରାହୀ, ଶରତ ଚନ୍ଦ୍ର ପଣ୍ଡା, ଗଗନ ବିହାରୀ ପଣ୍ଡା, ବାଞ୍ଛାନିଧି ଦାଶ, ପିତାମ୍ବର ପଣ୍ଡା, ଅନନ୍ତ ଚରଣ ଦାଶ, ବାବାଜୀ ଚରଣ ଦାଶ, କେଶବ ଚରଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବଡପୁଅ ମାନସ ଓ ସାନପୁଅ ସୁରେଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶିକ୍ଷକତାରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ରଘୁନାଥ ସ୍ପଷ୍ଟବାଦୀ ଓ ମେଳାପୀ ମଣିଷ ଥିବା ନେଇ ବକ୍ତାମାନେ ଆଲୋକପାତ କରିଥିଲେ। ବିଶିଷ୍ଟ ପାଲାଗାୟକ ଛାୟାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଖଇରା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଛି'


ଖବରଦାତା ସମ୍ମିଳନୀରେ ଭାଜପା ନେତା ପଦ୍ମଲୋଚନ ପଣ୍ଡା ଓ ଅନ୍ୟମାନେ।

ଖଇରା, ୫।୬(ଡି.ଏନ.ଏ.)

ବାତ୍ୟା ପ୍ରଭାବିତ ଅଞ୍ଚଳ ତାଲିକାରୁ ଖଇରା ବାଦ୍ ପଡିବା ନେଇ ବିଭିନ୍ନ ରାଜନୈତିକ ସଙ୍ଗଠନ ଏବଂ ସାମାଜିକ ସଙ୍ଗଠନ ତରଫରୁ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି । ଖଇରା ପ୍ରତି ଜିଲା ପ୍ରଶାସନର ଏଭଳି ବୈମାତୃକ ଭାବ ପ୍ରତିବାଦରେ ମୁହଁ ଖୋଲିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା । ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖଇରା ପ୍ରତି ଏଭଳି ବୈମାତୃକ ମନୋଭାବ ପ୍ରତିବାଦରେ ବିଷୋଦଗାର କରିବା ସହ ଏଭଳି ଅବହେଳା ପାଇଁ ସେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ଦାୟୀ କରିଛନ୍ତି ।

୨୬ ତାରିଖରେ ପ୍ରବଳ ଝଡବର୍ଷା ଯୋଗୁ ପାହାଡ ପାଣିରେ ଆମ୍ବହତା କେନାଲରେ ଘାଇ ସୃଷ୍ଟି ହୋଇଥିଲା । ୨ଦିନ ଧରି ୫୦ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀରେ ରହିବା କାରଣରୁ ବହୁ ଘର ମାଟିରେ ମିଶିଯାଇଥିଲା । ଏ ପର୍ଯ୍ୟନ୍ତ ବହୁ ବାସହରା ଠିକ୍ ଭାବେ ଖାଦ୍ୟ ଯୋଗାଡ କରି ପାରିନାହାନ୍ତି । ମତ୍ସ୍ୟଚାଷ, ପରିବା ଚାଷ, ରବିଧାନ ଚାଷ ଶତପ୍ରତିଶତ ନଷ୍ଟ ହୋଇଯାଇଛି । ଏ ପର୍ଯ୍ୟନ୍ତ ଆରଆଇ ଓ ତହସିଲଦାରମାନଙ୍କ ତଦନ୍ତ ପୂରା ହୋଇନାହିଁ । ୧୯୯୯ ବନ୍ୟାକୁ ଏ ବନ୍ୟା ବଳିଯାଇଥିବା ବେଳେ ଖଇରା ବ୍ଲକ ବାଦ୍ ପଡିବା ଅତ୍ୟନ୍ତ ବିଡମ୍ବନା । ଏହା ଏକ ଷଡଯନ୍ତ୍ର, ଖଇରାବାସୀ ଆଗାମୀ ଦିନରେ କେବେ କ୍ଷମା ଦେବେ ନାହିଁ ବୋଲି ପଣ୍ଡା ପ୍ରକାଶ କରିଛନ୍ତି । ଯଦି ଖଇରା ବ୍ଲକକୁ ତାଲିକାରେ ସାମିଲ କରା ନ ଯାଏ ତେବେ ସେ ୧୦ହଜାର କର୍ମୀଙ୍କୁ ନେଇ ତହସିଲ ଓ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପଣ୍ଡାଙ୍କ ସହ କୁପାରୀ ମଣ୍ଡଳ ସଭାପତି ପତିତପାବନ କର, ଡୁଡିଗଡିଆ ଜୋନ ସଭାପତି ମହେଶ୍ୱର ନାଥ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୫।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ବାଂଶପାଣି ଅଞ୍ଚଳରୁ ଯୋଡା ପୋଲିସ ଶୁକ୍ରବାର ରାତିରେ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଯୋଡା ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ଚାଲୁଥିବା ବେଳେ ଉକ୍ତ ଟ୍ରକ୍‌କୁ ଅଟକାଇବା ପରେ ଏହା ଚୋରା ଖଣିଜ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଟ୍ରକ୍‌ର ଡ୍ରାଇଭର ଲାଲୁ ଯାଦବ ଓ ସଦାନନ୍ଦ ମାନକିଙ୍କୁ ସେଠାରୁ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୮୭/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଯୋଗ୍ୟ ଯେ, ଗୁରୁବାର ବାମେବାରୀ ବନପାଳ ସଦଳବଳେ ଏକ ଟ୍ରକ୍‌କୁ ଜବତ କରିବାର ୨୪ ଘଣ୍ଟା ନ ହେଉଣୁ ପୁଣି ଯୋଡ଼ା ପୋଲିସ ଆଉ ଏକ ଚୋରା ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଛି।

## କାଳବୈଶାଖୀରେ ଭାଙ୍ଗିଲା ଘର

ବୈଶିଙ୍ଗା, ୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଖାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବୈଶିଙ୍ଗା, କେନ୍ଦୁଆ, ପାଟଳିପୁରା, ଗଡଦେଉଳିଆ, କଳମା, ସନ୍ତରା, ରଘୁପୁର, ଆମ୍ବଗଡ଼ିଆ ପଞ୍ଚାୟତରେ ଚାଳ ଘର, ଟିଣ ଛପର ଘର, ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ବଡ଼ ବଡ଼ ଗଛ ଭାଙ୍ଗିଯିବାସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି।

## କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

ବନ୍ତ,୫।୬(ସ୍ୱ.ପ୍ର.)

**ପାଣି ନିଷ୍କାସନ ହୋଇ ନ ପାରି ମୁଗ ଫସଲ ନଷ୍ଟ**

ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡ ଓ ବିଟିପୁର ପଞ୍ଚାୟତର ନିର୍ମଳପୁର, ରଇଁତିରା ଓ ଧାନଘର ଗ୍ରାମର କେତେକ ଚାଷୀ ଚଳିତବର୍ଷ ରବି ଋତୁରେ କୃଷି ବିଭାଗ ପ୍ରୋତ୍ସାହନରେ ୫୦ ହେକ୍ଟର ଜମିରେ ମୁଗ ଚାଷ କରିଥିଲେ। ବାତ୍ୟା ୟାସ୍ ପ୍ରଭାବରେ ହୋଇଥିବା ବର୍ଷାରେ ଉକ୍ତ ଚାଷଜମିରେ ପାଣି ଜମି ରହିଥିଲା। ପାଣି ନିଷ୍କାସନ ବିଳମ୍ବ ହେବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ କରିଥିଲେ ଚାଷୀ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। କୃଷି ବିଭାଗର ଧାମନଗର ଅତିରିକ୍ତ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଧାମନଗର ସହ କୃଷି ଅଧିକାରୀ ରାଧାମୋହନ ମହନ୍ତ, ସିଡିଏଓ ଡିପିଡି ସରୋଜ ଗିରି, ଆଗରପଡ଼ା ସହ କୃଷି ଅଧିକାରୀ ତୁଷାରକାନ୍ତ ପତି, ପୁରୁଷଣ୍ଡ ଗ୍ରାମ୍ୟ କୃଷି କର୍ମଚାରୀ ରାମଚନ୍ଦ୍ର ମୁର୍ମୁ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ।


କୃଷି ଅଧିକାରୀମାନେ ମୁଗ ଚାଷ କ୍ଷେତ ବୁଲି ଦେଖୁଛନ୍ତି।

# ମୃତଦେହ ରଖି ରାସ୍ତାରୋକୋ

ଯୋଡ଼ା, ୫।୬(ଡି.ଏନ୍.ଏ.)

**ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡିଠାରେ ହାଇୱା ଦୁର୍ଘଟଣାରେ ଗୁରୁତର ଥିବା ପେଣ୍ଠେଇ ବସ୍ତିର ମଙ୍ଗୁଳି ପେଣ୍ଠେଇଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ଯୋଗୁ ମଙ୍ଗୁଳିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଅଞ୍ଚଳବାସୀ ଶନିବାର ଅପରାହ୍ନରେ ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଗତ ୧ ତାରିଖରେ ହାଇୱା ଧକ୍କାରେ ମଙ୍ଗୁଳି ଗୁରୁତର ହୋଇଥିଲେ। ତାଙ୍କୁ ଯୋଡା ଟାଟା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେ ଅତି ଗରିବ ଓ ଅସହାୟ ହୋଇଥିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଇ ପାରି ନ ଥିଲା। ଦୁର୍ଘଟଣା ଦିନ ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଦାବି କରି ରାସ୍ତାରୋକୋ କରିଥିଲେ। ତେବେ ପୋଲିସ ବିଳମ୍ବରେ ପହଞ୍ଚି ଲୋକଙ୍କୁ ଥାନାରେ ଆଲୋଚନା କରାଯିବ ଏବଂ ଆର୍ଥିକ ସହାୟତା ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ତୁରନ୍ତ ପଦକ୍ଷେପ ନିଆ ନ ଯିବାରୁ ମଙ୍ଗୁଳିଙ୍କ ମୃତ୍ୟୁ ପରେ ପୋଲିସର ଦାୟିତ୍ୱହୀନତା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏଥିପାଇଁ ସେମାନଙ୍କୁ ଧମକ ଦେଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭରଙ୍କୁ ସ୍ଥାନୀୟ ଗ୍ରାମବାସୀ ପୋଲିସ ଜିମା ଦେଇଥିବା ବେଳେ ପୋଲିସ କୌଶଳ କରି ତାଙ୍କୁ ଖସାଇ ଦେଇଥିବା ମୃତା ମଙ୍ଗୁଳିଙ୍କ ବୋହୂ ଯମୁନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏଏସ୍ଆଇ ପ୍ରବୋଧ ଚନ୍ଦ୍ର ମହାନ୍ତି କହିଛନ୍ତି, ସେ ହାଇୱା ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ କୋଳିମାଟି ଡାକ୍ତରଖାନା ନେଇଥିଲେ। ସେଠାରୁ ଡ୍ରାଇଭର ଚମ୍ପଟ ମାରିଥିବା ସେ ସ୍ୱୀକାର କରିଥିଲେ।

# ବ୍ରାଉନସୁଗାର କାରବାର: ଜେଲ ଗଲେ ଅଭିଯୁକ୍ତ

ବାରିପଦା ଅଫିସ,୫।୬

ବାରିପଦା ଟାଉନ ଥାନା ଅଧୀନ ଚିପଟ ଅସ୍ତିଆ ଅଞ୍ଚଳର ଏସ୍.କେ. ମହତାବଙ୍କୁ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଅଭିଯୋଗରେ ଶନିବାର କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଗତ ଜୁଲାଇ ୧୮ରେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଜାତୀୟ ରାଜପଥରେ ବ୍ରାଉନସୁଗାର ନେଇ ଆସୁଥିବା ଏସ.କେ ଆସିଫଙ୍କୁ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଥିଲା। ତାଙ୍କଠାରୁ ୩ କିଲୋ ୨୬୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୩ କୋଟି ୩୦ଲକ୍ଷ। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିଲା। ସ୍ପେଶାଲ ଟାସ୍କଫୋର୍ସର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏସ୍.କେ. ମହତାବଙ୍କୁ ଗିରଫ କରାଯାଇ ସ୍ପେଶାଲ ସିନିୟର ଜଜ୍ କୋର୍ଟରେ ହାଜର କରାଯାଇଥିଲା।

# ଚାରା ବାଣ୍ଟିଲେ, ଗଛ ଲଗାଇଲେ

ଲଙ୍ଗଳେଶ୍ୱର, ୫।୬(ଡି.ଏନ.ଏ.)


ସରପଞ୍ଚ ନିବେଦିତା ପରିଡ଼ା ଚାରାରୋପଣ କରୁଛନ୍ତି ।

ଶନିବାର ଥିଲା ବିଶ୍ୱ ପରିବେଶ ଦିବସ। ଏହି ଦିବସକୁ ନିଆରା ଢ଼ଙ୍ଗରେ ପାଳନ କରି ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି ଜଣେ ମହିଳା ସରପଞ୍ଚ। ଟ୍ରଲିରେ ଚାରା ବୋଝେଇ କରି ନିଜେ ଚଲାଇ ଘରକୁ ଘର ବୁଲି ବାଣ୍ଟିବା ସହ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ନିବେଦନ କରିଛନ୍ତି। ନିଜେ ମଧ ରାସ୍ତାକଡ଼ରେ ଗଛ ଲଗାଇବା ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ ପ୍ଲାଷ୍ଟିକ୍ ବ୍ୟବହାରକୁ କମ୍ କରିବା ପାଇଁ ମଧ ସେ ଲୋକଙ୍କୁ ସଚେତନ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁଟୁରା ସରପଞ୍ଚ ନିବେଦିତା ପରିଡ଼ା କାର୍ଯ୍ୟରୁ ଟିକିଏ ଫୁରସ୍‌ତ ମିଳିଲେ ଲାଗି ପଡ଼ନ୍ତି ପରିବେଶ ସୁରକ୍ଷାରେ। ପ୍ରତ୍ୟେକ ଦିନ ରାସ୍ତାକଡ଼ ହେଉ କିମ୍ବା କାହା ବାଡ଼ିରେ ସେ ଚାରା ଲଗାଇବା ସହ ତାର ଯତ୍ନ ନେଇଥାନ୍ତି। ଏସବୁ କାର୍ଯ୍ୟରେ ତାଙ୍କ ସ୍ୱାମୀ ତାଙ୍କୁ ପ୍ରେରଣା ଯୋଗାଇବା ସହ ସାହାଯ୍ୟ ବି କରନ୍ତି।

## ମୃତକଙ୍କ ମୋବାଇଲ ଉଭାନ ଘଟଣା: ୩ ଗିରଫ

କେନ୍ଦୁଝର, ୫।୬(ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅମୃତପଡା ଗ୍ରାମର କୃଷ୍ଣଚନ୍ଦ୍ର ମାଝୀଙ୍କର କରୋନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେ ସାଙ୍ଗରେ ଆଣିଥିବା ମୋବାଇଲ ଫୋନ୍ ଏବଂ ପିନ୍ଧିଥିବା ସୁନା ଚେନ୍ ମୃତ୍ୟୁ ପରେ ଉଭାନ ହୋଇ ଯାଇଥିଲା। ଏ ସମ୍ପର୍କରେ ସ୍ୱର୍ଗତ କୃଷ୍ଣଚନ୍ଦ୍ରଙ୍କ ପୁତୁରା ଲକ୍ଷ୍ମୀଧର ମାଝୀ ଜୁନ୍ ୧ ତାରିଖରେ ଟାଉନ ଥାନାର ଲିଖିତ ଅଭିଯୋଗ କରିଥିଲେ। ଟାଉନ ପୋଲିସ ଏନେଇ ଏକ ମାମଲା (ନଂ.୨୦୬/୨୧) ରୁଜୁ କରିଥିଲା। ଏହି ଘଟଣାରେ ଶନିବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ହେଲେ ରାହୁଲ ପ୍ରଧାନ, ଜଗନ୍ନାଥ ବାରିକ ଏବଂ ଜିମିନ୍ଦ୍ର ଦିଗଲ। ସେମାନଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଫୋନ୍ ପୋଲିସ ଜବତ କରିଛି।

# ଉପାନ୍ତ ଅଞ୍ଚଳରେ କ୍ୱାକ୍ ଭରସା

କେନ୍ଦୁଝର, ୫।୬(ଡି.ଏନ.ଏ.)

କରୋନା କାଳରେ ଜିଲାର ଉପାନ୍ତ ଅଞ୍ଚଳରେ କ୍ୱାକ୍‌ଙ୍କର ପ୍ରାଦୁର୍ଭାବ ବଢି ଚାଲିଛି। ଜିଲାର ଯୋଡ଼ା, ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସାହାରପଡ଼ା ଆଦି ବ୍ଲକ୍ ଗୁଡିକରେ ଆଦିବାସୀ ଜନସାଧାରଣ ବସବାସ କରିଥାନ୍ତି। ଜିଲାର ୬୦ଭାଗ ଜନସାଧାରଣ ଆଦିବାସୀ ସଂପ୍ରଦାୟର। ଲକ୍‌ଡାଉନ୍ ଯୋଗୁ ଗାଡିମଟର ସେବା ବନ୍ଦ ରହିଥିବାରୁ ଡାକ୍ତରଖାନାକୁ ଆଭ୍ୟନ୍ତରୀଣ ଅଞ୍ଚଳର ଲୋକେ ଆସିପାରୁନାହାନ୍ତି। ଏହାର ସୁଯୋଗରେ ଗ୍ରାମାଞ୍ଚଳରେ ରହୁଥିବା ନକଲି ଡାକ୍ତର ବିଭିନ୍ନ ଜଡିବୁଟି ଆଦି ଦେଇ ଚିକିତ୍ସା କରୁଛନ୍ତି। ଏବେ କରୋନାରେ ଅନେକ ଲୋକ ସଂକ୍ରମିତ ହେଉଥିବା ସହ ଏହି ସୁଯୋଗରେ ବାହାର ରାଜ୍ୟରୁ ଓ ତତସଂଲଗ୍ନ ଅଞ୍ଚଳରୁ କେତେକ ବ୍ୟକ୍ତି ଆସି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ନିଜକୁ ଡାକ୍ତର ଭାବେ ପରିଚିତ କରାଇ ନିଜର ବ୍ୟବସାୟ କରିଚାଲିଛନ୍ତି। ଗୋଟିଏ ପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ଥିବା ବଣଜଙ୍ଗଲ ଏବଂ ପାହାଡିଆ ଅଞ୍ଚଳରେ ରହିଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବିଫଳ ହୋଇଥିବାବେଳେ ନକଲି ଡାକ୍ତରମାନେ ଗରିବ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନାମରେ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଅନଭିଜ୍ଞ ନକଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମନଇଚ୍ଛା ପ୍ରେସକ୍ରିପସନ୍ ଯୋଗୁ ବହୁ ସମୟରେ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅପହଞ୍ଚ ହେଉଥିବାରୁ ଭଲ ହୁଅନ୍ତୁ ବା ନହୁଅନ୍ତୁ କ୍ୱାକମାନେ ଠିକ୍ ସମୟରେ ଔଷଧ ଦେଉଥିବା ଲୋକମାନେ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲାର ଅଗମ୍ୟ ଅଞ୍ଚଳରେ ଏହି କ୍ୱାକମାନେ ଔଷଧ ବାଣ୍ଟୁଥିବା କଥାକୁ ସ୍ୱୀକାର କରୁଥିବାବେଳେ ସ୍ୱାସ୍ଥ୍ୟ ପ୍ରଶାସନ ସେମାନଙ୍କ ଟେର୍ ପାଉ ନାହିଁ। ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ନ ଥିବା ଲୋକମାନେ ଡାକ୍ତରଖାନାର ଭୟ ଏବେବି ତୁଟି ନ ଥିବାବେଳେ ଜିଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବ୍ୟାପକ ପ୍ରଚାର, ପ୍ରସାରର ଆବଶ୍ୟକତା ରହିଛି। ଏନେଇ ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ଦେବେନ ଦାସ କହିଛନ୍ତି କ୍ୱାକ୍‌ଙ୍କୁ ଚିହ୍ନଟ କରି ସେମାନଙ୍କୁ ଦଣ୍ଡବିଧାନ କରିବା ଡ୍ରଗ୍‌ସ ବିଭାଗର କାର୍ଯ୍ୟ। ଲକ୍‌ଡାଉନ ସମୟରେ ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରୁ ରୋଗୀଙ୍କୁ ଡାକ୍ତରଖାନାକୁ ଆଣିବା ସମ୍ଭବ ହୋଇପାରୁ ନ ଥିବା ସେ ପ୍ରକାଶ କରିଥିଲେ।

